ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଫେବୃୟାରୀ-୨୦୨୩ FEBRUARY-2023

SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିରରେ ଅଶୋକାଷ୍ଟମୀ

ଚୈତ୍ର ଶୁକ୍ଳ ଅଷ୍ଟମୀ 'ଅଶୋକାଷ୍ଟମୀ' ରୂପେ ଅଭିହିତ । ଏଥିରେ ଅଶୋକକଳିକାର ପ୍ରାଧାନ୍ୟ ହେତୁ ଏପରି ନାମକରଣ ସମାଚୀନ । ଏହି ଦିବସରେ ଦେବ ଦେବ ମହାଦେବଙ୍କ ଠାରେ ଅଶୋକକଳିକା ମଣୋହି ପୂର୍ବକ ତାକୁ ସେବନ କରିବାର ବିଧି ଧର୍ମଶାସ୍ତ୍ର ସମ୍ମତ । ଲିଙ୍ଗପୁରାଣରେ ଉଲ୍ଲେଖ ଅଛି -

'ଚୈତ୍ରେ ମାସି ସିତାଷ୍ଟମ୍ୟାଂ ଯେ ପିବନ୍ତି ପୁନର୍ବସୌ ।
ଅଶୋକକଳିକା ଷଷ୍ଟୌ ନ ତେ ଶୋକମବାପ୍ନୁୟୁଃ ॥'

ଚୈତ୍ର ମାସ ପୁନର୍ବସୁ ନକ୍ଷତ୍ର ଯୁକ୍ତ ଶୁକ୍ଳାଷ୍ଟମୀରେ ଯେଉଁମାନେ ଅଷ୍ଟ ଅଶୋକକଳିକା ସେବନ କରନ୍ତି ସେମାନେ ଶୋକଗ୍ରସ୍ତ ହୁଅନ୍ତି ନାହିଁ । ଅଶୋକକଳିକାକୁ ଜଳଗଣ୍ଡୂଷ ମଧ୍ୟରେ ସ୍ଥାପନ କରି ଅଭିମନ୍ତ୍ରିତ କରିବାର ମନ୍ତ୍ର ହେଲା - 'ତ୍ୱାମଶୋକ ହରାଭୀଷ୍ଟଂ ମଧୁମାସସମୁଦ୍‌ଭବମ୍ । ପିବାମି ଶୋକସନ୍ତପ୍ତୋ ମାମଶୋକଂ ସଦା କୁରୁ ॥'



ଅର୍ଥାତ୍ ହେ ଅଶୋକ! ତୁମେ ହରଙ୍କର ପ୍ରିୟ, ତୁମେ ମଧୁମାସ ଅର୍ଥାତ୍ ଚୈତ୍ର ମାସରେ ଉତ୍ପନ୍ନ ଅଟ । ମୋ ଭଳି ଶୋକସନ୍ତପ୍ତ ତୁମକୁ ସେବନ କରୁଛି, ମୋତେ ସଦା ଶୋକମୁକ୍ତ କର । ଶାସ୍ତ୍ରରେ ଉକ୍ତ ଅଛି ଯେ ପୁନର୍ବସୁ ଯୁକ୍ତ ଅଶୋକାଷ୍ଟମୀ ଯଦି ବୁଧବାରେ ପଡ଼େ ତେବେ ତାହା ବିଶେଷ ଫଳପ୍ରଦ । ସ୍ମୃତିସାର ସଂଗ୍ରହରେ ବର୍ଣ୍ଣିତ ଅଛି -

'ଚୈତ୍ରେ ମାସି ସିତେ ପକ୍ଷେ ବୃଷଲଗ୍ନେ ପୁନର୍ବସୌ ।
ସ୍ରୋତେ ତୁ ବିଧିବତ୍ ସ୍ନାତ୍ୱା ବାଜପେୟଫଳଂ ଲଭେତ୍
ଅଶୋକୈର ର୍ଚୟେଦୁଗ୍ରମଶୋକ କଳିକାଃ ପିବେତ୍ ॥'

ଚୈତ୍ର ମାସ ଶୁକ୍ଳପକ୍ଷ ବୃଷଲଗ୍ନଯୁକ୍ତ ପୁନର୍ବସୁ ନକ୍ଷତ୍ରରେ ଜଳସ୍ରୋତରେ ବିଧିବତ୍ ସ୍ନାନ କରି ଉଗ୍ର ଅର୍ଥାତ୍ ମହାଦେବଙ୍କୁ ଅଶୋକକଳିକାରେ ପୂଜନ ପୂର୍ବକ ତାକୁ ସେବନ କରିବା ଦ୍ୱାରା ଅଶ୍ୱମେଧ ଯାଗର ଫଳ ପ୍ରାପ୍ତ ହୁଏ ।

ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଶୈବ ପୀଠ ଶ୍ରୀମାର୍କଣ୍ଡେଶ୍ୱରଙ୍କର ଏହା ବଡ ପର୍ବ । ଭକ୍ତମାନେ ମାର୍କଣ୍ଡ ସରୋବରରେ ସ୍ନାନ ପୂର୍ବକ ଶିବଙ୍କୁ ଅଶୋକକଳିକା ଲାଗିକରି ତାକୁ ସେବନ ଦ୍ୱାରା କୃତ୍ୟକୃତ୍ୟ ହୁଅନ୍ତି । ଆୟୁର୍ବେଦ ଶାସ୍ତ୍ରାନୁସାରେ ଅଶୋକକଳିକା ସ୍ତ୍ରୀମାନଙ୍କ ଶରୀର ପାଇଁ ଅମୃତ ତୁଲ୍ୟ । ଏହାର ସେବନରେ ବହୁ ରୋଗରୁ ମୁକ୍ତ ହୁଅନ୍ତି । ଅଶୋକାଷ୍ଟମୀ ହେଉଛି 'ଶୈବ ଗୁଣ୍ଡିଚା' ତିଥି । ଏଥିରେ ଭୁବନେଶ୍ୱରସ୍ଥ ମହାପ୍ରଭୁ ଲିଙ୍ଗରାଜଙ୍କର ରଥଯାତ୍ରା ଅନୁଷ୍ଠିତ ହୁଏ । ବର୍ଷକରେ ଅଶୋକାଷ୍ଟମୀ ଏପରି ଏକ ତିଥି ଯେଉଁଥିରେ ହର, ହରି ଏବଂ ଦେବୀ ଦୁର୍ଗାଙ୍କର ଯୁଗପତ୍ ପର୍ବ ଅନୁଷ୍ଠିତ ହୁଏ । ବାସନ୍ତିକଦୁର୍ଗୋତ୍ସବ ଚୈତ୍ରଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଏଥିରେ ଅଷ୍ଟମୀ ଦିନଟି ବାସନ୍ତିକ ମହାଷ୍ଟମୀ ଅଟେ, ଯେଉଁଥିରେ ବିଶେଷ ପୂଜାର୍ଚ୍ଚନା କରାଯାଏ । ଶ୍ରୀରାମନବମୀର ପୂର୍ବତିଥି ହେତୁ ଏହା ଗୁରୁତ୍ୱପୂର୍ଣ୍ଣ ଯେଉଁଥିରେ ଶ୍ରୀଜଗନ୍ନାଥରୂପୀ କୌଶଲ୍ୟାଙ୍କ ଗର୍ଭକଷ୍ଟ ନିବାରକ ଜେଉଡ଼ ବା ଜେଉଟ ଭୋଗ ସମର୍ପିତ ହୁଏ । ଶ୍ରୀମନ୍ଦିରରେ ଏହି ତିଥିରେ ସକାଳ ଧୂପ ସରିବାପରେ ଭଣ୍ଡାର ଲୋକନାଥଙ୍କୁ ମହାଜନ ସେବକମାନେ ହସ୍ତରେ ବିଜେ କରି ଝୁଲଣମଣ୍ଡପ ତଳେ ସ୍ଥିତ ପାଲିଙ୍କିରେ ସ୍ଥାପନ କରନ୍ତି । ସେବକମାନଙ୍କ ଦ୍ୱାରା ଘଣ୍ଟଛତ୍ର କାହାଳୀ ବାଦନ ସହ ପାଲିଙ୍କିକୁ ବିମାନ ବଡୁ ସେବକମାନେ ବହନ କରି ଶ୍ରୀ ଈଶାନେଶ୍ୱର ମନ୍ଦିରକୁ ଯାଇଥାଆନ୍ତି । କୂର୍ମବେଢାସ୍ଥ ଉତ୍ତର ଦିଗ ଭିତର ଗୁମୁଟରେ ହସ୍ତୀ ପାର୍ଶ୍ୱରେ ଐଶାନ୍ୟକୋଣରେ ଐଶାନେଶ୍ୱର ମହାଦେବ ବିଜେ କରିଅଛନ୍ତି । ଜନଶ୍ରୁତି ଅନୁସାରେ ଐଶାନେଶ୍ୱର ଶ୍ରୀଜଗନ୍ନାଥଙ୍କ ଈଶାନ ବା ଗୁରୁ ରୂପେ ବିଦିତ । ଆଶୋକାଷ୍ଟମୀରେ ଐଶାନେଶ୍ୱରଙ୍କ ଗର୍ଭଗୃହକୁ ଶ୍ରୀଲୋକନାଥ ବିଜେ କରିବା ପରେ ଭିତରଛ ମହାପାତ୍ର ସେବକ ଐଶାନେଶ୍ୱରଙ୍କୁ ଅଶୋକକଳିକା, ପୁଷ୍ୟମାଲ୍ୟାଦି ଲାଗି କଲାପରେ ସେଗୁଡିକୁ ଆଣି ଶ୍ରୀଲୋକନାଥଙ୍କୁ ଅଳଂକୃତ କରନ୍ତି । ଏହାପରେ ଶ୍ରୀଲୋକନାଥଙ୍କୁ ପୁନଃ ପାଲିଙ୍କିରେ ଅଧିଷ୍ଠିତ କରାଯାଇ ଜଗନ୍ନାଥ ବଲ୍ଲଭମଠକୁ ବିଜେ କରାଯାଏ । ସେଠାରେ ଶ୍ରୀଲୋକନାଥଙ୍କର ଭୋଗ, ବନ୍ଦାପନା, ଅଶୋକକଳିକା ମଣୋହି ଆଦି ନୀତି ସମାପ୍ତ ହେବାପରେ ତାଙ୍କୁ ବାହୁଡା ବିଜେ କରାଯାଇ ଭଣ୍ଡାର ଘରେ ସଂସ୍ଥାପିତ କରାଯାଏ ।

ଅଶୋକାଷ୍ଟମୀ ରାତ୍ରିରେ ସନ୍ଧ୍ୟାଧୂପ ପରେ ପାଣି ପଡି ଧୋ ପଖାଳ ହେବା ପରେ ଟେରା ବନ୍ଧାଯାଏ । ପ୍ରତିହାରୀ ସେବକ ରୋଷରୁ ଜେଉଡ଼ ଭୋଗ ଡାକିବା ନିମିତ୍ତ ଯାଇଥାଆନ୍ତି । ଭୋଗ ଆସିବା ପରେ ପୂଜାପଣ୍ଡା ସେଗୁଡିକୁ ପଞ୍ଚୋପଚାର ବିଧିରେ ନିବେଦିତ କରିଥାଆନ୍ତି । ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ତିନି ବାଡ଼ରେ ବନ୍ଦାପନା କରିବା ସହ ମହାପ୍ରଭୁଙ୍କ ବାଡରେ ଗର୍ଭଉଦକ ବନ୍ଦାପନା କରିଥାଆନ୍ତି । ସ୍ୱାଦିଷ୍ଟ ଜେଉଡ଼ ଭୋଗ ଗର୍ଭବତୀ କୌଶଲ୍ୟାରୂପୀ ଶ୍ରୀଜଗନ୍ନାଥଙ୍କୁ ଗର୍ଭକଷ୍ଟ ନିବାରଣ ନିମିତ୍ତ ସମର୍ପିତ ହୁଏ । ଶ୍ରୀଜଗନ୍ନାଥ 'ତ୍ୱମେବ ମାତା ଚ ପିତା ତ୍ୱମେବ' ଅନୁସାରେ ମାତା ରୂପେ କଳ୍ପିତ ହୁଅନ୍ତି ପୁନଃ ସେ ପୁତ୍ରରୂପେ ଆବିର୍ଭୂତ ହୁଅନ୍ତି । ଏହା ମହାପ୍ରଭୁଙ୍କ ରହସ୍ୟମୟୀ ଲୀଳା ।

ଜେଉଡ଼ ସହ ଏହି ଭୋଗରେ ଶାଗ, ତରକାରୀ, ପିଠା, ଝିଲ୍ଲି, ସାନ ଆରିସା, ଓରିଆ, କ୍ଷୀରା ଆଦି ଭୋଗ ପ୍ରଦତ୍ତ ହୁଏ । ଶ୍ରୀପୁରୁଷୋତ୍ତମକ୍ଷେତ୍ର ମାହାତ୍ମ୍ୟରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଉଲ୍ଲେଖ ଅଛି - 'ସର୍ବରୂପମୟୋ ହ୍ୟେଷ ସର୍ବମନ୍ତ୍ରମୟଃ ପ୍ରଭୁଃ' ସେ ସବୁ ରୂପରେ ଆବିର୍ଭୂତ ହୁଅନ୍ତି । ତାଙ୍କ ଲୀଳା ଅକଳ୍ପନୀୟା । 'ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ ଦେବାଃ ନ ଜାନନ୍ତି କୁତୋ ମନୁଷ୍ୟାଃ ।'

*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ*
*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*
*ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଭୌମୀ ଏକାଦଶୀ :

ତା ୧.୨.୨୩ ରିଖ ବୁଧବାର ମାଘ ଶୁକ୍ଳ ଏକାଦଶୀ ନିମନ୍ତେ ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମଙ୍ଗଳ ଆଳତି, ଅବକାଶ, ବେଶବଢି ଗୋପାଳବଲ୍ଲଭ, ସକାଳ ଧୂପ ଓ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ପଞ୍ଚାମୃତ ମହାସ୍ନାନ ହୋଇଥିଲା । ପରେ ଘଟୁଆରୀ ଘରୁ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଚନ୍ଦନ ବିଜେ ହୋଇ ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥିଲା । ପରେ ମାଳଫୁଲ ଲାଗି ସହିତ ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢିଥିଲା । ପାଣିପଡି ମଧ୍ୟାହ୍ନ ଧୂପ ଛେକ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଏହାପରେ ୩ ଜଣ ପାଳିଆ ପୂଜାପଣ୍ଡା ଷୋଡଶୋପଚାରରେ ମଧ୍ୟାହ୍ନ ଧୂପ ସାରିଥିଲେ । ଭୋଗ ସରି ପାଣି ପଡିଲା ପରେ ବନ୍ଦାପନା ହୋଇ ଅନ୍ୟାନ୍ୟ ନୀତିମାନ ହୋଇଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜ ଉଦ୍ଧାରଣ ବେଶ :

ତା ୫.୨.୨୩ରିଖ ରବିବାର ମାଘ ପୂର୍ଣ୍ଣମୀ ଅବସରରେ ମଧ୍ୟାହ୍ନ ଧୂପ ବଢି ପାଣି ପଡିଲା ପରେ ଶ୍ରୀବିଗ୍ରହମାନେ ମୈଲମ ହୋଇଥିଲେ । ଏହାପରେ ପାଳିଆ ମେକାପ ୩ ଗୋଟି ରୂପା ପିଙ୍ଗଣରେ ଚନ୍ଦନ ଭଣ୍ଡାର ଦ୍ୱାର ଠାରୁ ସିଂହାସନ ନିକଟକୁ ନେଇଥିଲେ । ବଡବାଡରେ ତଳୁଛ, ମହାପ୍ରଭୁଙ୍କ ବାଡରେ



ଭିତରଚ୍ଛ ଏବଂ ମଝିବାଡରେ ପାଳିଆ ପୁଷ୍ପାଳକ ସର୍ବାଙ୍ଗ କରିଥିଲେ । ସର୍ବାଙ୍ଗ ବଢିଲା ପରେ ଭୂଦେବୀ, ଶ୍ରୀଦେବୀ ଦକ୍ଷିଣ ଘର ଠାରେ ପଡିଥିବା ଖଟଶେଜ ଉପରକୁ ବିଜେ କରିଥିଲେ । ଏହାପରେ ତିନି ବାଡରେ 'ଗଜ ଉଦ୍ଧାରଣ' ବେଶ ହୋଇ କର୍ପୂର ଲାଗି ହୋଇଥିଲା । କର୍ପୂର ଲାଗି ବଢିଲାପରେ ଭୂଦେବୀ, ଶ୍ରୀଦେବୀ ବାହୁଡା ବିଜେ କରି ଶ୍ରୀଅଙ୍ଗରେ ଲାଗିଥିଲେ । ଏହାପରେ ସଂଧ୍ୟା ଆଳତି ଓ ସଂଧ୍ୟାଧୂପ ଅନୁଷ୍ଠିତ ହୋଇ ମହାସ୍ନାନ ହୋଇଥିଲା ।

## ଶ୍ରୀମନ୍ଦିରରେ ମହାଶିବ ରାତ୍ରି :

ତା ୧୮.୨.୨୩ ରିଖ ଶନିବାର ପବିତ୍ର ମହାଶିବ ରାତ୍ରି ଉପଲକ୍ଷେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା । ପରମ୍ପରା ପ୍ରକାରେ ମଙ୍ଗଳ ଆଳତି, ଅବକାଶ, ତଡପଲାଗି, ରୋଷହୋମ, ସୂର୍ଯ୍ୟପୂଜା ଏବଂ ଦ୍ୱାରପାଳ ପୂଜା ସରିଲା ପରେ ଗୋପାଳବଲ୍ଲଭ ଭୋଗ ସମାପନ ହୋଇଥିଲା । ବଲ୍ଲଭ ସରିବା ପରେ ଭଣ୍ଡାର ଦ୍ୱାର ଠାରେ ପୂର୍ବରୁ ରଖାଯାଇଥିବା ବଲ୍ଲଭ ଭୋଗ ଶ୍ରୀଲୋକନାଥ ଦେବ (ଚଳନ୍ତି ପ୍ରତିମା)ଙ୍କୁ ମଣୋହି ହୋଇଥିଲା ଏବଂ ମଣୋହି ପରେ ନୂଆପାଟ ଲାଗି କରାଯାଇଥିଲା । ଏହାପରେ ଶ୍ରୀଲୋକନାଥ ପାଳିଆ ସେବଙ୍କ ଦ୍ୱାରା ହାତରେ ବିଜେ ହୋଇ ମୁକ୍ତିମଣ୍ଡପ ନିକଟରେ ଥିବା ବିମାନରେ ବିଜେ କରିଥିଲେ ଏବଂ ବାଇଶିପାହାଚ, ସିଂହଦ୍ୱାର ଦେଇ ବଡଆଖଡା ବିଜେ ସ୍ଥଳୀରେ ବିଜେ ହୋଇଥିଲେ । ଏଠାରେ ପାରଂପରିକ ଭାବେ ନୀତି ସରିବା ପରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ରାତ୍ରର ୪ର୍ଥ ପ୍ରହରରେ 'ହରିହର ଭେଟ' ନୀତି ବଢିଥିଲା । ବିଜେ ପ୍ରତିମା ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ । ●



## ଶ୍ରୀମନ୍ଦିର ପରିସରରେ ନିମ୍ନଲିଖିତ କାର୍ଯ୍ୟ କଲେ ଅପରାଧ ହୁଏ

- ପାଦୁକା ବ୍ୟବହାର କରି ମନ୍ଦିର ଭିତରେ ପ୍ରବେଶ କଲେ ।
- ଦେବାତଙ୍କ ଉତ୍ସବମାନ ପାଳନ ନ କଲେ ।
- ଦେବତାଙ୍କ ସମୀପରେ ଥାଇ ମଧ ତାଙ୍କୁ ପ୍ରଣାମ ନ କଲେ ।
- ଅଇଁଠା ମୁହଁରେ ବା ଅଶୌଚ ଅବସ୍ଥାରେ ଦେବତାଙ୍କୁ ସ୍ତୁତି କଲେ ।
- ଏକ ହାତରେ ଦେବତାଙ୍କୁ ପ୍ରଣାମ କଲେ ।
- ଦେବତାଙ୍କ ଆଗରେ ଚାଲବୁଲ କଲେ ।
- ଦେବତାଙ୍କ ଆଗରେ ଗୋଡ ଲମ୍ବାଇ ବସିଲେ ।
- ଦେବାଙ୍କ ଆଗରେ ହାତ ଛନ୍ଦି ବସିଲେ ।
- ଦେବ ମନ୍ଦିରରେ ଶୋଇଲେ ।
- ଦେବତାଙ୍କ ଆଗରେ ଶୋଇଲେ ।
- ଦେବତାଙ୍କ ଆଗରେ ଭୋଜନ କଲେ ।
- ଦେବ ମନ୍ଦିରରେ ଉଚ୍ଚ ସ୍ୱରରେ କଥାବାର୍ତ୍ତା କଲେ ।
- ଦେବ ମନ୍ଦିରରେ ପରସ୍ପର କଥାବାର୍ତ୍ତା ହେଲେ ।
- ଦେବ ମନ୍ଦିରରେ କାନ୍ଦିଲେ ।
- ଦେବ ମନ୍ଦିରରେ ଦ୍ୱନ୍ଦ ଯୁଦ୍ଧ ବା କଳି ତକରାଳ କଲେ ।
- ଦେବ ମନ୍ଦିରରେ ଅନ୍ୟକୁ ଅପମାନିତ କଲେ ।
- ଦେବ ମନ୍ଦିରରେ ଅନ୍ୟକୁ ଅନୁଗ୍ରହ କଲେ ।
- ଦେବ ମନ୍ଦିରରେ ଅନ୍ୟକୁ କଟୁ କଥା କହିଲେ ।
- ଦେବ ମନ୍ଦିରକୁ କମ୍ବଳ ଘୋଡାଇ ହୋଇ ଗଲେ ।
- ଦେବ ମନ୍ଦିରରେ ପର ନିନ୍ଦା ବା ଅନ୍ୟର ଅନିଷ୍ଟ ଚିନ୍ତା କଲେ ।
- ଦେବ ମନ୍ଦିରରେ ଅଶ୍ଳୀଳ କଥା କହିଲେ ।
- ଦେବ ମନ୍ଦିରରେ ମଳ, ମୂତ୍ର, ଛେପ ପକାଇଲେ ଓ ଧୂମପାନାଦି ଦୁଷ୍କାର୍ଯ୍ୟ କଲେ ।
- ସାମର୍ଥ୍ୟ ଥାଇ ମଧ ଦେବତାଙ୍କୁ ଯଥାବିଧି ଅର୍ଚ୍ଚନା ନ କଲେ ।
- ଦେବତାଙ୍କୁ ଭୋଗ ନ ଦେଇ ଭୋଜନ କଲେ ।
- ଋତୁଜାତ ଫଳ ପୁଷ୍ପ ପ୍ରଭୃତି ଦେବତାଙ୍କୁ ସମର୍ପଣ ନ କଲେ ।
- ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ପଦାର୍ଥର ବଳକା ଦ୍ରବ୍ୟାଦି ତାଙ୍କୁ ପ୍ରଦାନ ନ କରି ଅନ୍ୟକୁ ଦେଲେ ।
- ଦେବ ମନ୍ଦିରରେ ଦେବତାଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତି ବିଶେଷଙ୍କୁ ପ୍ରଣାମ କଲେ ।
- ଦେବ ମନ୍ଦିରରେ ଗୁରୁଙ୍କୁ ସମ୍ମାନ ନ କଲେ ।
- ନିଜକୃତ ସ୍ତୋତ୍ର ଦେବ ମନ୍ଦିରରେ ପଢ଼ିଲେ ।
- ଦେବ ନିନ୍ଦା କଲେ ।
- ପ୍ରଭୁଙ୍କ ସମୀପକୁ ଭୃତ୍ୟ ଯେପରି ଆସେ, ଦେବ ମନ୍ଦିରକୁ ସେପରି ନ ଆସିଲେ ।

●(ଉକ୍ତ ତଥ୍ୟଟି ୨୦୧୯- ମାର୍ଚ୍ଚରେ ପ୍ରକାଶିତ ଶ୍ରୀମନ୍ଦିର ସମାଚାରରୁ ସଂଗୃହୀତ)

# ମନ୍ଦିରର ଶିଳ୍ପକଳା


*ପୂର୍ବ ପ୍ରକାଶିତ ଉତ୍ତାରୁ ....*

**୫. ମଦନମୋହନ ମନ୍ଦିର ବା ଦକ୍ଷିଣ ଘର :**

ମୁଖଶାଳାର ଦକ୍ଷିଣପଟ ବେହରଣ ଦ୍ୱାରକୁ ଲାଗି ଯେଉଁ ଛୋଟ ମନ୍ଦିରଟି ଅଛି, ତାହା ଦକ୍ଷିଣ ଘର ନାମରେ ପରିଚିତ । ଦାରୁବିଗ୍ରହ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଚଳନ୍ତି ପ୍ରତିମାମାନେ ଏହିଠାରେ ପୂଜା ପାଆନ୍ତି । ମନ୍ଦିର ବାହାରେ ଅନୁଷ୍ଠିତ ହେଉଥିବା ବହୁ ଉତ୍ସବରେ ସାଧାରଣତଃ ଅଷ୍ଟଧାତୁ ନିର୍ମିତ ପ୍ରତିମାମାନେ ଜଗନ୍ନାଥଙ୍କ ପ୍ରତିନିଧି ରୂପେ ବିରାଜମାନ କରିଥାନ୍ତି । ସ୍ନାନ ଓ ରଥଯାତ୍ରା ଭିନ୍ନ ଅନ୍ୟ ସବୁ ପର୍ବ ଯାତ୍ରାମାନଙ୍କରେ ଯେଉଁ ପ୍ରତିମାମାନେ ଜଗନ୍ନାଥଙ୍କ ପ୍ରତିନିଧିତ୍ୱ କରନ୍ତି, ସେମାନେ ହେଲେ ମଦନମୋହନ (ଦ୍ୱିଭୁଜ ବଂଶୀଧାରୀ ଶ୍ରୀକୃଷ୍ଣ), ସାଗରବିଜେ ନାରାୟଣ, ଦୋଳଗୋବିନ୍ଦ, ରାମ, ଲକ୍ଷ୍ମଣ ଓ ସୀତା, ରାମ ଓ କୃଷ୍ଣ, ନୃସିଂହ ପ୍ରଭୃତି । ତାହା ବ୍ୟତୀତ ଏହି ଘରେ ଆଉ କେତେକ ଧାତୁ ପ୍ରତିମା ଓ ଚିତ୍ରପ୍ରତିମା ସ୍ଥାୟୀ ଭାବରେ ପୂଜା ପାଆନ୍ତି । ମହାଜନ (ପୁଷ୍ପାଳକ) ନାମକ ସେବକମାନେ ସେହି ପ୍ରତିମାମାନଙ୍କୁ ପୂଜା କରନ୍ତି ।

**୬. ମାର୍ଜନା ମଣ୍ଡପ :**

ଦକ୍ଷିଣ ଘରର ସାମନାରେ ଏହା ଗୋଟିଏ ଉଚ୍ଚ ମଣ୍ଡପ । ଏହି ମଣ୍ଡପରେ ପ୍ରତି ଗୁରୁବାର ଦିନ ଆନୁଷ୍ଠାନିକ ଲକ୍ଷ୍ମୀଦେବୀଙ୍କର ଶ୍ରୀଅଙ୍ଗ ମାର୍ଜନା କରାଯାଏ । ଏହିଠାରେ ହିଁ ମଦନମୋହନଙ୍କ ସହିତ ଲକ୍ଷ୍ମୀରୂପିଣୀ ରୁକ୍ମିଣୀଙ୍କର ବିବାହ ହୁଏ । ଏଠାରେ ଦୁର୍ଗାଦେବୀଙ୍କର ସହସ୍ର କୁମ୍ଭାଭିଷେକ ମଧ୍ୟ ଅନୁଷ୍ଠିତ ହୁଏ ।



## ଭିତର ବେଢ଼ା

ଭିତର ବେଢାରେ ଥିବା ବିଭିନ୍ନ ମନ୍ଦିର ତଥା ପବିତ୍ର ସ୍ଥାନ ମଧ୍ୟରୁ କେତେକ ପ୍ରସିଦ୍ଧ ମନ୍ଦିର ତଥା ସ୍ଥାନକୁ କ୍ରମ ଅନୁସାରେ ବର୍ଣ୍ଣନା କରାଯାଉଛି ।

**୧. ଆଗ୍ନେୟେଶ୍ୱର ମନ୍ଦିର :** ଏହା କୂର୍ମବେଢ଼ାର ପୂର୍ବଦ୍ୱାରର ଅଳ୍ପ ଦକ୍ଷିଣରେ ଥିବା ଏକ ଛୋଟ ମନ୍ଦିର । ଏହି ମନ୍ଦିରର ଦେବତା ଆଗ୍ନେୟେଶ୍ୱର ଶିବ ଅଟନ୍ତି । ଏହି ଶିବ ଭୋଗବୁହା ବାଟରେ ଅବସ୍ଥିତ । କଥିତ ହୁଏ ଯେ ଏହି ଶିବ ସାକ୍ଷାତ୍ ଅଗ୍ନିସ୍ୱରୁପ । ତେଣୁ ତାଙ୍କ ପାଖ ଦେଇ ବୁହାଯାଉଥିବା ଅନ୍ନ, ବ୍ୟଞ୍ଜନାଦି ଭୋଗ କୌଣସି ସମୟରେ ସିଦ୍ଧ ହୋଇ ନଥିଲେ ତାହା ଏହାଙ୍କ ଦୃଷ୍ଟି ପଡିବା କ୍ଷଣି ସିଦ୍ଧ ହୋଇଯାଏ ।

**୨. ସତ୍ୟନାରାୟଣ ମନ୍ଦିର :** ଶୁକ୍ଳାମ୍ବରଧାରୀ ଚତୁର୍ଭୁଜ ବିଷ୍ଣୁ ସତ୍ୟନାରାୟଣ ନାମରେ ବେଢ଼ାର ଦକ୍ଷିଣ ଦିଗରେ ଉତ୍ତରାଭିମୁଖ ହୋଇ ରହିଛନ୍ତି । ସନ୍ତାନମାନଙ୍କ କଲ୍ୟାଣ ପାଇଁ ଏହାଙ୍କର ପୂଜା କରାଯାଏ । ଏହାଙ୍କର ମୂର୍ତ୍ତି କଳା ମୁଗୁନିପଥରରେ ନିର୍ମିତ ଓ ପ୍ରାୟ ପାଞ୍ଚଫୁଟ ଉଚ୍ଚ । ସେ ଶଙ୍ଖ, ଚକ୍ର, ଗଦା ଓ ଅଭୟ ମୁଦ୍ରା ଧାରଣ କରିଛନ୍ତି ।

**୩. କଳ୍ପବଟ :** ଶ୍ରୀମନ୍ଦିରର ଦକ୍ଷିଣ ଦିଗରେ ଏକ ବିଶାଳ ବଟବୃକ୍ଷ ଅଛି । ଏହାକୁ କଳ୍ପବଟ କୁହାଯାଏ । ସ୍କନ୍ଦ ପୁରାଣରେ ଉଲ୍ଲେଖ କରାଯାଇଛି ଯେ ମହା ପ୍ରଳୟ ସମୟରେ ସମଗ୍ର ପୃଥିବୀ ଜଳମଗ୍ନ ଥିବାବେଳେ ଏହି ନୀଳଗିରି ଥିଲା ଓ ସେଠାରେ କେବଳ ଏହି ବଟବୃକ୍ଷଟି ଥିଲା । ଜଗତପାଳକ ଭଗବାନ ବିଷ୍ଣୁ ଏହି ବଟବୃକ୍ଷ ମୂଳରେ ଲକ୍ଷ୍ମୀଙ୍କ ସହିତ ଅବସ୍ଥିତ ହୋଇଥିଲେ । ମାର୍କଣ୍ଡେୟ ଋଷି ପ୍ରଳୟ ଜଳରେ ପହଁରି ପହଁରି ଏଠାରେ ଉପସ୍ଥିତ ହୋଇ ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରିଥିଲେ । ଭଗବାନ ନାରାୟଣଙ୍କ ଆଦେଶରେ ସେ ବୃକ୍ଷ ଉପରକୁ ଉଠି ବଟପତ୍ରରେ ଶୋଇଥିବା ବାଳମୁକୁନ୍ଦଙ୍କୁ ଦର୍ଶନ କରିଥିଲେ ଓ ତାଙ୍କ ଉଦରରେ ପ୍ରବେଶ କରି ଚତୁର୍ଦ୍ଦଶ ଭୁବନ ଦେଖିଥିଲେ । ତାହାପରେ ସେ ନିଜ ନାମରେ ଶିବଙ୍କୁ ପ୍ରତିଷ୍ଠା କରି ଓ ପୁଷ୍କରିଣୀ ଖୋଳାଇ ସେହିଠାରେ ଆଶ୍ରମ କରି ବାସ କରିଥିଲେ । କଳ୍ପବଟ ମୂଳରେ ସଂକଳ୍ପ କରି ଝୁମୁକା ବାନ୍ଧିଲେ ମନୋବାଞ୍ଛା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି ।।

**୪. ବଟ ଗଣେଶ ମନ୍ଦିର :** କଳ୍ପବଟରେ ଦକ୍ଷିଣ ପଟେ ଦକ୍ଷିଣମୁଖ ହୋଇ ବଟ ଗଣେଶ ରହିଛନ୍ତି । ଏହାଙ୍କର ମୂର୍ତ୍ତି ଧଳା ମୁଗୁନି ପଥରରେ ନିର୍ମିତ । ସେ ଚତୁର୍ଭୁଜ ଆସୀନ ମୂର୍ତ୍ତି, ପାଶ, ଅଙ୍କୁଶ, ଦନ୍ତ ଓ ଲଡୁ ଧାରଣ କରିଛନ୍ତି । ସେ କଳ୍ପଗଣେଶ, ଚିନ୍ତାମଣି ଗଣେଶ ଓ ସିଦ୍ଧ ଗଣେଶ ନାମରେ ମଧ୍ୟ ପ୍ରସିଦ୍ଧ ।

**୫. ମଙ୍ଗଳା ମନ୍ଦିର :** ବଟ ଗଣେଶଙ୍କର ପଛପଟେ ମଙ୍ଗଳା ଦେବୀ ପଶ୍ଚିମମୁଖୀ ହୋଇ ରହିଛନ୍ତି । ତାଙ୍କୁ ବଟ ମଙ୍ଗଳା ଓ ସର୍ବମଙ୍ଗଳା ମଧ୍ୟ କୁହାଯାଏ । ମଙ୍ଗଳା ଦେବୀ ଚତୁର୍ଭୁଜା, ହସ୍ତରେ ଶକ୍ତି, ତ୍ରିଶୂଳ ଓ ଅଭୟ ତଥା ବରଦ ମୁଦ୍ରା ଧାରିଣୀ । ମନ୍ଦିରର ଜଗମୋହନରେ ଦଶ ମହାବିଦ୍ୟାଙ୍କର ମୂର୍ତ୍ତି ରହିଛି ।

**୬. ପଞ୍ଚ ପାଣ୍ଡବ ମନ୍ଦିର :** ମଙ୍ଗଳା ମନ୍ଦିର ଆଗରେ ସାନବଡ ହୋଇ ଯେଉଁ ପାଞ୍ଚଟି ଶିବ ମନ୍ଦିର ଅଛି, ସେଗୁଡିକୁ ସାମୂହିକ ଭାବରେ ପଞ୍ଚପାଣ୍ଡବ ମନ୍ଦିର କୁହାଯାଏ । ଅନ୍ୟ ଚାରିଗୋଟି ମନ୍ଦିର ଅପେକ୍ଷା ମାର୍କଣ୍ଡେୟଙ୍କ ମନ୍ଦିରଟି ବଡ଼ । ସେଠାରେ ଶିବଙ୍କ ସହିତ ଚତୁର୍ଭୁଜ ବିଷ୍ଣୁଙ୍କର ପୂଜା ମଧ୍ୟ କରାଯାଏ । ଲୋକନାଥଙ୍କ ମନ୍ଦିରଟି ଅନ୍ୟ ଚାରି ମନ୍ଦିର ଠାରୁ କିଛି ଦୂରରେ ଅଛି । ମାର୍କଣ୍ଡେୟ ମନ୍ଦିର ଦେହରେ ଏକ ତ୍ରିବିକ୍ରମ ମୂର୍ତ୍ତି ରହିଛି ।

**୭. ଅନନ୍ତ ବାସୁଦେବ ମନ୍ଦିର :** କୂର୍ମ ବେଢ଼ାର ଦକ୍ଷିଣ ଦିଗରେ ଅନନ୍ତ ବାସୁଦେବଙ୍କ ମନ୍ଦିର ରହିଅଛି । ଏଠାରେ ଅନନ୍ତଶାୟୀ ବିଷ୍ଣୁଙ୍କର ବିଗ୍ରହ ଅଛି ।

**୮. ସୂର୍ଯ୍ୟଯନ୍ତ୍ର ମନ୍ଦିର :** ଜଗନ୍ନାଥଙ୍କ ଦୈନିକ ପୂଜାବିଧିରେ ପ୍ରତ୍ୟହ ସୂର୍ଯ୍ୟଙ୍କର ଉପାସନା ଏହି ମନ୍ଦିରରେ ଥିବା ସୂର୍ଯ୍ୟ ଯନ୍ତ୍ରରେ କରାଯାଏ ।

**୯. କ୍ଷେତ୍ରପାଳ ମନ୍ଦିର :** କ୍ଷେତ୍ରପାଳ ଶିବ ମନ୍ଦିରଟି କୂର୍ମ ବେଢାର ଦକ୍ଷିଣରେ ଦକ୍ଷିଣମୁଖୀ ହୋଇ ରହିଛି । ଏହି ଶିବ ହିଁ ଶ୍ରୀକ୍ଷେତ୍ରର ରକ୍ଷକ ଅଟନ୍ତି ଏବଂ ସେ କ୍ଷେତ୍ରପାଳ ଭୈରବ ନାମରେ ମଧ୍ୟ ପ୍ରସିଦ୍ଧ । ଏହି ମନ୍ଦିରରେ ସିଂହବାହିନୀ, କାତ୍ୟାୟିନୀ, କାଳୀ ଓ ଭୈରବୀ ପାର୍ଶ୍ୱଦେବୀ ରୂପରେ ରହିଛନ୍ତି ।

**୧୦. ମୁକ୍ତି ମଣ୍ଡପ :** ଶ୍ରୀମନ୍ଦିରର ଦକ୍ଷିଣ ଦିଗକୁ ଏକ ଉଚ୍ଚ ମଣ୍ଡପ ଅଛି ଓ ତାହା ମୁକ୍ତି ମଣ୍ଡପ ନାମରେ ପ୍ରସିଦ୍ଧ । ଏହା ଷୋଳଗୋଟି ସ୍ତମ୍ଭ ଉପରେ ଛିଡା ହୋଇଛି । ପ୍ରବାଦ ଅଛି ଯେ ମନ୍ଦିର ନିର୍ମାଣ ସମୟରେ ସ୍ୱୟଂ ବ୍ରହ୍ମା ଏଠାରେ ବସି ଶିଳ୍ପୀମାନଙ୍କୁ ନିର୍ଦ୍ଦେଶ ଦେଇ କାର୍ଯ୍ୟ ନିର୍ବାହ କରାଉଥିଲେ । ସେଥିପାଇଁ ଏହାକୁ ବ୍ରହ୍ମାସନ, ଯଜ୍ଞବେଦି, କଲ୍ୟାଣମଣ୍ଡପ ଇତ୍ୟାଦି କୁହାଯାଏ । ବର୍ତ୍ତମାନ ବିଭିନ୍ନ ଶାସନର ପଣ୍ଡିତମାନେ ମୁକ୍ତିମଣ୍ଡପ ଉପରେ ବସି ଧର୍ମ ସମ୍ପର୍କରେ ଶାସ୍ତ୍ର ଆଲୋଚନା କରୁଛନ୍ତି ଓ ଧର୍ମଶାସ୍ତ୍ରୀୟ ବ୍ୟବସ୍ଥା ଦେଉଛନ୍ତି । (କ୍ରମଶଃ...)

# ଫଟୋରେ ଖବର...





ତା ୩୧.୧.୨୩ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ନିଃଶୁଳ୍କ 'କାନ-ନାକ-ଗଳା, ଏଣ୍ଡୋକ୍ରାଇନୋଲୋଜି ଏବଂ ମଧୁମେହ ପରୀକ୍ଷା' ଶିବିର





ତା ୭.୨.୨୩ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ନିଃଶୁଳ୍କ 'ହୃଦ ରୋଗ, କାନ-ନାକ-ଗଳା ଓ ଦାନ୍ତ ରୋଗ ଚିକିତ୍ସା' ଶିବିର



ତା ୪.୨.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏବଂ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଉପସ୍ଥିତିରେ ଆହୂତ 'ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା ପ୍ରକାଶନ ଓ ପ୍ରସାର ଉପ ସମିତି' ବୈଠକ

# ଫଟୋରେ ଖବର...



ତା ୧୭.୨.୨୩ରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ
ଡ. ଭାଗବତ କିଶନ ରାଓ କରଦ ସପରିବାର ଶ୍ରୀମନ୍ଦିରରୁ
ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୮.୨.୨୩ରେ ପବିତ୍ର ମହା ଶିବରାତ୍ରି ଅବସରରେ
ପରମ୍ପରା ଅନୁଯାୟୀ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା
'ହରିହର ଭେଟ' ନିମନ୍ତେ ଶ୍ରୀଲୋକନାଥ ମନ୍ଦିର ଅଭିମୁଖେ
ଯାତ୍ରା କରୁଅଛନ୍ତି



ତା ୨୦.୨.୨୩ରେ ଅମାବାସ୍ୟା ପରିପ୍ରେକ୍ଷୀରେ
ଶ୍ରୀଅମାବାସ୍ୟା ନାରାୟଣଙ୍କ ସାଗର ବିଜେ



ତା ୨୧.୨.୨୩ରେ ଶ୍ରୀଜଗନ୍ନାଥ ବଲ୍ଲଭସ୍ଥିତ ବେଣ୍ଟ ପୋଖରୀ
ପରିସରରେ ସେବକମାନେ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବେଣ୍ଟ
(ଶିକାର) ନୀତି ସମ୍ପର୍ଣ୍ଣ କରୁଅଛନ୍ତି



ତା ୨୧.୨.୨୩ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ
ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ

*ପୁସ୍ତକ-ଯୁଗେ ଯୁଗେ ରଥଯାତ୍ରା ...*

## (୨) ୧୮୬୯ ମସିହା ପୁରୀ ରଥଯାତ୍ରା
### (ଭାଗ-୪-ସଂଖ୍ୟା ୩୧ - ତା ୩୧ ରିଖ, ଜୁଲାଇ)

**ଗ**ତ ସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ ଯେ ଏ ବର୍ଷ ଯାତ୍ରିଙ୍କ ସଂଖ୍ୟା ଆନୁମାନିକ ଜ୬୦୦୦ଣ ହେବ । କିନ୍ତୁ ସମ୍ପ୍ରତି ସମ୍ବାଦ ପାଇଅଛୁଁ ଯେ ଯାତ୍ରିଙ୍କ ସଂଖ୍ୟା କାରଣ ଅଠରନଳା ଘାଟଠାରେ ପୁଲିସ ନିଯୁକ୍ତ ହୋଇଥିଲା ଓ ସେମାନଙ୍କ ଗଣନାନୁସାରେ ଜୁଲାଇ ମାସ ତା୧୧ରିଖ ଠାରୁ ତା ୧୭ରିଖ ପର୍ଯ୍ୟନ୍ତ ଦେଶୀବିଦେଶୀ ଯାତ୍ରିଙ୍କ ସଂଖ୍ୟା ଜ୧୧୫୦୩ ଣ ହୋଇଥିଲା ଅତଏବ ଏହି ଜନସଂଖ୍ୟାକୁ ନିଶ୍ଚୟ କରିବାକୁ ହେବ ।

ଗୁଣ୍ଡିଚାଘର ଠାରେ ଯେଉଁ ଦୁର୍ଘଟଣା ହୋଇଥିଲା ତହିଁ ସମ୍ବନ୍ଧରେ ଯେଉଁପତ୍ର ପାଇଅଛୁଁ ସେଥିରୁ ଜାଣିଲୁଁ ଯେ ଆମ୍ଭମାନଙ୍କର ପୂର୍ବପ୍ରକାଶିତ ବୃତ୍ତାନ୍ତରେ କିଞ୍ଚିତ୍ ଭ୍ରମ ଥିଲା । ପତ୍ରପ୍ରେରକ କହନ୍ତି ଯେ ଆଠଜଣ ଲୋକ ଅଜ୍ଞାନ ହୋଇଥିଲେ ତହିଁରୁ ଏକଜଣ ସେଠାରେ ମରିଗଲା ଓ ସାତଜଣ ହାସପାତାଲକୁ ପ୍ରେରିତ ହେଲେ ତହିଁ ମଧ୍ୟରୁ ଆଉ ଏକ ଜଣ ମରିଗଲା ଓ ଅବଶିଷ୍ଟ ଜ୬ଣ ଆପଣା ଘରକୁ ଗଲେ । ଦୁର୍ଘଟଣା ସମୟରେ ପୁଲିସ କର୍ମଚାରୀମାନେ ରଥ ନିକଟରେ ଥିଲେ । ଗୁଣ୍ଡିଚା ଦ୍ୱାର ରକ୍ଷା ସକାଶେ ସ୍ୱତନ୍ତ୍ର ଚାକର ନିଯୁକ୍ତ ଥିବାର ଏହାଙ୍କର ପ୍ରୟୋଜନ ନଥିଲା । କିନ୍ତୁ ଦୁର୍ଘଟଣା ହେଲା କ୍ଷଣି ପୁଲିସ ସେଠାକୁ ଅସି ସାହାଯ୍ୟ କରିବା ଓ ତାହାଙ୍କ ସାହାଯ୍ୟ ବିନା ବିସ୍ତର ଲୋକ ନଷ୍ଟ ହେବାର ସମ୍ଭାବନା ଥିବାର ପତ୍ରପ୍ରେରକ ଲେଖିଅଛନ୍ତି । ପୁଲିସ ପ୍ରଥମେ ପୀଡ଼ିତ ବ୍ୟକ୍ତିଙ୍କର ରକ୍ଷାର ଉପାୟ କରି ତଦୁତ୍ତାର ଯେଉଁ ଦୁଇଜଣ ଦ୍ୱାରୀ ଭୁଜା ଓ ପଇସା ଲୋଭରେ ଦ୍ୱାର ଫିଟାଇ ଦେଇ ଏ ଦୁର୍ଘଟନା ଜାତ କଲେ ସେମାନଙ୍କୁ ଦଣ୍ଡବିଧିର ଦ୩୩୮ଫା ଅପରାଧରେ ଗିରସ୍ତାର କରି ବିଚାର କାରଣ ପଠାଇଲେ ଓ ମାଜିଷ୍ଟ୍ରେଟ୍ ସାହେବ ସ୍ୱୟଂ ସରଜମିନ ତଦାରକ କରି ଉକ୍ତ ଦୁଇଦ୍ୱାରିଙ୍କ ଉପରେ ଅଭିଯୋଗ କରିଅଛନ୍ତି । ଗତ ତା ୨୭ରିଖ ପର୍ଯ୍ୟନ୍ତ ମୋକଦ୍ଦମା ନିଷ୍ପତ୍ତି ହୋଇ ନଥିଲା ।



ପତ୍ରପ୍ରେରକ ପୁରୀ ମହାରାଜଙ୍କ ବିଷୟରେ ଲେଖନ୍ତି ଯେ ପୁଲିସ କନଷ୍ଟବଲ ଓ ସବ୍ଇନ୍ସ୍ପେକ୍ଟରଙ୍କ ପ୍ରବେଶ ସମୟରେ ମହାରାଜ ଓ ତାହାଙ୍କର ଅନେକ ଲୋକ ସେଠାରେ ଥିଲେ କିନ୍ତୁ ସମସ୍ତେ ପଳାୟନ କଲେ ଓ ମହାରାଜଙ୍କ ପନ୍ଦାର ଅନେକ ସୈଥିଲତା ହେବାର ତାହାଙ୍କ ନାମରେ ସଦରକୁ ରିପୋର୍ଟ ଯିବାର ବୋଧ ହୁଅଇ । ଏଥକୁ ରାଜା ନାବାଳଗ ଏପ୍ରକାର ସ୍ଥଳେ ତାହାଙ୍କୁ ବୁଦ୍ଧି ସହିତ କାର୍ଯ୍ୟ କରିବାର ଅପେକ୍ଷା ହୋଇ ନ ପାରେ କିନ୍ତୁ ତାହାଙ୍କ ତରଫରୁ ଯେଉଁ ଲୋକେ ନିଯୁକ୍ତ ଥିଲେ ସେମାନଙ୍କର ଦୋଷ କହିବାକୁ ହେବ ।

''ସେ ଦ୍ୱାରରେ ପୁଲିସର କିଛିମାତ୍ର ଅଧିକାର ନଥିବାରୁ କେହି କନଷ୍ଟବଲ କାରଣ ନଥିଲେ କି ସନ୧୮୫୩ ମସିହାରେ ଯେ ଦେଉଳରେ ଜ ୨୩ ଣ ମନୁଷ୍ୟ ମରିଥିଲେ ସେ ସମୟରେ ଜ ୧୦୦ ଣ ବରକନ୍ଦାଜ ଓ ଚାରିଜଣ ଯମାଦାର ପୁଲିସର ମନ୍ଦିରରେ ରହିବାର ମହାରାଜଙ୍କୁ ବିସ୍ତର ଦରମା ଦେବାକୁ ପଡିଲା ତହୁଁ ସେ ସଦରରେ ଜଣାଇ ମନ୍ଦିର ସମ୍ପର୍କରେ ଯେ ଘଟନା ହେବ ତହିଁର ଜବାବଦିହି ମନ୍ଦିର ସୁପ୍ରେଣ୍ଟଣ୍ଟଙ୍କର ରହିବ ପୁଲିସର କିଛି ଜବାବଦିହି ନାହିଁ ବୋଲି ଚିଠି ଆସିଥିଲା ଏ ଯୋଗୁଁ ସେ ଦ୍ୱାରମାନଙ୍କରେ ପୁଲିସ ନଥିଲା ପରେ ପୁଲିସ ସରଫ ରଥ ଚଳାଇବାରେ ମୁତୟନ ଥିଲେ ପରେ ମହାରାଜ ଗୋଟିଏ ଦୁର୍ଘଟନାର ମୂଳକାରଣ ପୂର୍ବରୁ କରିଅଛନ୍ତି କି ସେ ଗୁଣ୍ଡିଚାଘରର ତିନିଦ୍ୱାର ମଏ ସିଂହାସନ ପିଣ୍ଡିକା ଓ ସେ ବେଢ଼ା ମଧ୍ୟରେ ଥିବା ବୃକ୍ଷାଦିର ଉତ୍ପନ୍ନକୁ ଜଗୁମହାନ୍ତି ଦ୍ୱାରୀ ଓ ଦୈତ୍ୟାରୀ ମାହାନ୍ତି ଏ ଦୁଇଜଣଙ୍କୁ ମାସିକ ୭୦ଟଙ୍କାକୁ ଇଜାରା ଦେଇଥିବାର ସେ ଦ୍ୱାରରେ ସେ ଇଜାରାଦାରମାନଙ୍କର ସର୍ବ ଅଧିକାର ଅଛି ଏ ଯୋଗୁଁ ମହାରାଜଙ୍କର କେହି ମଧ ବରକନ୍ଦାଜ ଓଗେର ସେ ଦ୍ୱାରରେ ନଥିଲେ ଯଦ୍ୟପି କେହି ବରକନ୍ଦାଜ ଓଗେର ଥାନ୍ତେ ତେବେ ଦ୍ୱାରିମାନେ କଦାଚ କବାଟ ଖୁଲି ନଥାନ୍ତେ ଜାଣିବା ହେବେ ।''

ଆମ୍ଭେମାନେ ଭରସା କରୁଁଯେ କର୍ତ୍ତୁପକ୍ଷମାନେ ପତ୍ରପ୍ରେରକଙ୍କ ଉପର ଲିଖିତ ମତର ଯର୍ଥାଥ ବିବେଚନା କରି ଏ ରୂପ ଦୁର୍ଘଟନା ଯେମନ୍ତ ଭବିଷ୍ୟତରେ ନ ହୁଅଇ ସେଥିର ଉପାୟ କରିବେ । ସମାନ୍ୟ ବିବେଚନାରେ ବୋଧ... ●

## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

*ପୂର୍ବ ପ୍ରକାଶିତ ଉତ୍ତାରୁ ....*



**ପ୍ରବଚ଼ନ :** ସୂର୍ଯ୍ୟାସ୍ତ ପରେ ରାତ୍ରିର ପ୍ରଥମ ପ୍ରହର ଅର୍ଥାତ୍ ରାତ୍ରି ୯ ଘଟିକା ପର୍ଯ୍ୟନ୍ତ ପ୍ରବଚ଼ନର ଉପଯୁକ୍ତ ସମୟ । ରାତ୍ରି ୯ ଘଣ୍ଟା ମଧ୍ୟରେ ହିଁ କଥାବାଚ଼ନ ଶେଷ କରିବା ବିଧେୟ । ସର୍ବଦା ଜଣେ ମାତ୍ର କଥାବାଚ଼କ ରହିବେ ଯେ କି ଶାସ୍ତ୍ରଜ୍ଞ ହେବା ସହ ଭଗବତ୍ ପରାୟଣ, ଆଚ଼ରଣଶୀଳ ଓ ବିନମ୍ରଭାବଯୁକ୍ତ ହୋଇଥିବେ । ଅଧିବାସଠାରୁ ଅନ୍ତିମ ଦିବସ, ସମ୍ପୁର୍ଣ୍ଣ ପାଞ୍ଚରାତ୍ର ପ୍ରବଚନ ନିମିତ୍ତ ଜଣେମାତ୍ର ବକ୍ତା ରହିବା ବିଧେୟ । ପ୍ରବଚନ ପ୍ରତ୍ୟେକ ଦିବସର ପାରାୟଣ ଉପରେ ଆଧାରିତ ହେବା ଉଚ଼ିତ । ଏହାର ବିଶଦ ବିବରଣୀ ଓ ପ୍ରତ୍ୟେକ ଦିନ ପ୍ରବଚନର ମୁଖ୍ୟ ପ୍ରସଙ୍ଗ ପରବର୍ତ୍ତୀ ଅଧ୍ୟାୟରେ ସୂଚିତ ହୋଇଛି । କଥାବାଚ଼କଙ୍କ ପ୍ରତି ଶ୍ରୋତା ତଥା ନିର୍ବାହ କର୍ତ୍ତାମାନଙ୍କର ସୁମହତ୍ ଭାବନା ଓ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର ଆବଶ୍ୟକ ।

**ଶ୍ରୀଜଗନ୍ନାଥ ସଂକୀର୍ତ୍ତନ :** ନାମ ସଂକୀର୍ତ୍ତନ ପାଇଁ କାଳ ସ୍ଥାନାଦି ନିୟମ ଥିଲେ ମଧ, ସାମୂହିକ ସଂକୀର୍ତ୍ତନର ସୁବିଧା ପାଇଁ ବିଶେଷକରି 'ଶ୍ରୀଜଗନ୍ନାଥ ପାଞ୍ଚରାତ୍ର' ର ସଂକୀର୍ତ୍ତନ ସକାଳ ୭ ରୁ ୯ ଘଟିକା ଓ ଅପରାହ୍ନ ୪ ରୁ ୬ ଘଟିକା ସୁବିଧାଜନକ । ଏଣୁ ଏହି ସମୟରେ ଶ୍ରୀଜଗନ୍ନାଥଙ୍କ ସଂକୀର୍ତ୍ତନ କରିବେ । ସୁବିଧା ଥିଲେ ଅଧିକ ସମୟ ପର୍ଯ୍ୟନ୍ତ କରାଯାଇପାରେ ।

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ବିଧାନ ଓ କାଳ ନିର୍ଣ୍ଣୟ

**ବିଶେଷ ଦ୍ରଷ୍ଟବ୍ୟ :** ଉପୋରକ୍ତ ପଞ୍ଚ ଅଙ୍ଗ (୧) ଅର୍ଚ୍ଚନା (୨) ଆହୁତି (୩) ପାରାୟଣ (୪) କଥାବାଚ଼ନ ଓ (୫) ସଂକୀର୍ତ୍ତନ ପାଞ୍ଚରାତ୍ର ଅନୁଷ୍ଠାନରେ ଯଥାର୍ଥ ଓ ଏକାନ୍ତ କରଣୀୟ । କିନ୍ତୁ ଅଧୁନା ସାମାଜିକ ପରିସ୍ଥିତି ପ୍ରଭାବରୁ ଓ ଦେଶ କାଳ ପାତ୍ର ଦୃଷ୍ଟିରୁ ଅନେକ କ୍ଷେତ୍ରରେ ଆହୁତି ଓ ଅର୍ଚ୍ଚନା ପ୍ରଭୃତି ବୈଦିକ କ୍ଲିଷ୍ଟ କର୍ମଗୁଡିକ ମୁଖ୍ୟ ଉଦ୍ଦେଶ୍ୟ ପାରାୟଣ ଓ ପ୍ରବଚ଼ନ ତଥା ସଂକୀର୍ତ୍ତନ ଅଙ୍ଗଗୁଡିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ଏପରି ସ୍ଥଳେ ଯଦି କୌଣସି ସ୍ଥାନରେ ସମ୍ପୂର୍ଣ୍ଣ ପଞ୍ଚଦିବସ ଧରି ଅନୁଷ୍ଠାନର କର୍ମକର୍ତ୍ତାଗଣ ଅନୁଷ୍ଠାନ ବାତିଲ୍ କରିବା ପାଇଁ ବାଧ ହୁଅନ୍ତି କିମ୍ବା ପଞ୍ଚଦିବସ ଧରି ଷୋଡଶ ଉପଚାର ପୂଜା ଓ ହୋମ କାର୍ଯ୍ୟ ସମ୍ପାଦନରେ ଅସମର୍ଥ ହୁଅନ୍ତି, ତେବେ ଅନୁଷ୍ଠାନ ରକ୍ଷା ନିମନ୍ତେ ନିମ୍ନୋକ୍ତ ବିଧିରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ନିର୍ବାହ କରିବେ ।

କଥାମଞ୍ଚର ପଶ୍ଚାଦ୍ଭାଗରେ ମଞ୍ଚକୁ ସଂଯୁକ୍ତ କରି ଅଥଚ଼ ମଞ୍ଚଠାରୁ ଭିନ୍ନ ପରିବେଶ ସୃଷ୍ଟିକରି ଅଧିବାସ ଦିନ ଚତୁର୍ଦ୍ଧାମୂର୍ତ୍ତି ସ୍ଥାପନ କରିବେ । ଅଧିବାସ ଦିନ ଷୋଡ଼ଶ ଉପଚାର ଅସମର୍ଥ ପକ୍ଷେ ପଞ୍ଚୋପଚାର ଅର୍ଚ୍ଚନା କରି ସାମାନ୍ୟତଃ ହୋମକର୍ମ ସମ୍ପାଦନ କରିବେ । ପରବର୍ତ୍ତୀ ପାଞ୍ଚଦିନ ପ୍ରତ୍ୟହ ପଞ୍ଚୋପଚରରେ ତ୍ରୀମୂର୍ତ୍ତି ଅର୍ଚ୍ଚନା କରିବେ । ଶେଷ ଦିବସରେ ସାମାନ୍ୟତଃ ପୂର୍ଣ୍ଣାହୁତି ହୋମ କରି ଅନୁଷ୍ଠାନ ସମାପ୍ତ କରିବେ । ପ୍ରତ୍ୟହ ବିଗ୍ରହମାନଙ୍କର ସ୍ନାନାଦି ନିତ୍ୟ କୃତ୍ୟ, ଦୁଇବେଳା ଭୋଗ ବ୍ୟବସ୍ଥା, ମଙ୍ଗଳ ଆରତୀ, ମଧ୍ୟାହ୍ନ ଭୋଗ ଆରତୀ ଓ ସନ୍ଧ୍ୟା ଆରତୀ ନିଶ୍ଚିତଭାବେ କରିବେ । କିନ୍ତୁ ପାରାୟଣ, କଥାବାଚ଼ନ ତଥା ସଂକୀର୍ତ୍ତନ ଅକ୍ଷୁଣ୍ଣ ରଖିବେ । ଉପରୋକ୍ତ ବିଧାନ କେବଳ ଅସମର୍ଥପକ୍ଷେ ଗ୍ରହଣୀୟ । ●

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୩) ଶ୍ରୀଦେବୀ ଓ ଭୂଦେବୀ

**ଦୋଳ ଯାତ୍ରା-** ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଦୋଳଯାତ୍ରା ଅବସରରେ ବିଜେ ପ୍ରତିମା ଶ୍ରୀଦେବୀ ଓ ଭୂଦେବୀଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରସିଦ୍ଧ ଦ୍ୱାଦଶ ଯାତ୍ରାମାନଙ୍କ ମଧ୍ୟରେ ଦୋଳଯାତ୍ରା ଅନ୍ୟତମ । ଶ୍ରୀମନ୍ଦିରରେ ଏହି ଯାତ୍ରା ସାତଦିନ ଧରି ଅନୁଷ୍ଠିତ ହୁଏ । ଫାଲ୍ଗୁନ ପୂର୍ଣ୍ଣିମାର ପାଞ୍ଚ ଦିନ ପୂର୍ବରୁ ଏହି ଯାତ୍ରା ଆରମ୍ଭ ହୋଇ ଚୈତ୍ର କୃଷ୍ଣ ପ୍ରତିପଦା ତିଥିରେ ସମାପ୍ତ ହୋଇଥାଏ । ସର୍ବତ୍ର ଦୋଳଯାତ୍ରାରେ ଶ୍ରୀରାଧାକୃଷ୍ଣ ବିଜେ ହେଉଥିବା ବେଳେ ଶ୍ରୀକ୍ଷେତ୍ରରେ ଶ୍ରୀଦୋଳଗୋବିନ୍ଦଙ୍କ ସହ ଶ୍ରୀଦେବୀ ଓ ଭୂଦେବୀ ବିଜେ ହୁଅନ୍ତି । ଫାଲ୍ଗୁନ ଶୁକ୍ଳ ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କର ଚାଚେରୀ ବେଶ, ଚାଚେରୀ ଭୋଗ, ଫଗୁଲାଗି, ଜଗନ୍ନାଥବଲ୍ଲଭ ମଠକୁ ଯାତ୍ରା, ସେଠାରେ ବନ୍ଦାପନା ଓ ଫଗୁଖେଳ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ଚତୁର୍ଦ୍ଦଶୀ ଦିନ ଅଗ୍ନି ଉତ୍ସବ ଅନୁଷ୍ଠିତ ହୁଏ । ଏହି ଦିନ ମଧ୍ୟାହ୍ନ ଧୂପ ଓ ସର୍ବାଙ୍ଗ ପରେ ଦକ୍ଷିଣ ଘରଠାରେ ପଡିଥିବା ଖଟଶେଯ ଉପରେ ଶ୍ରୀଦୋଳଗୋବିନ୍ଦ,ଶ୍ରୀଦେବୀ ଓ ଭୂଦେବୀଙ୍କର ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ। ବେଶ ବଢିବା ପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ରତ୍ନସିଂହାସନକୁ ବିଜେ କରନ୍ତି । ଏହାପରେ ଚନ୍ଦନ ଫଗୁ ଶ୍ରୀଅଙ୍ଗରେ ଲାଗି ହେବା ପରେ ବନ୍ଦାପନା କରାଯାଏ । ଏହାପରେ ପୂଜାପଣ୍ଡା ଠାକୁର ଠାକୁରାଣୀଙ୍କୁ ଆଜ୍ଞାମାଳ ଦେଲାପରେ ମହାଜନମାନେ ସେମାନଙ୍କୁ ହାତରେ ବିଜେ କରାଇ ଲକ୍ଷ୍ମୀଙ୍କ ମନ୍ଦିରଠାରେ ପଲଙ୍କରେ ବିଜେ କରାନ୍ତି । ଏଠାରେ ଫଗୁଖେଳ ହୁଏ । ବନ୍ଦାପନା ହେବାପରେ ତିନି ଦିଅଁ ବିମାନରେ ବସି ଦୋଳବେଦୀ ଠାରେ ଥିବା ଅଗ୍ନି ଉତ୍ସବ ଘରକୁ ବିଜେ କରନ୍ତି । ସେଠାରେ ପୂଜାପଣ୍ଡା ହୋମ କରନ୍ତି । ଶୀତଳଭୋଗ ମଣୋହି ସରିବା ପରେ ଅଗ୍ନି ଗୃହରେ ଅଗ୍ନି ସଂଯୋଗ କରାଯାଏ । ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ବିମାନରେ ବସି ଅଗ୍ନି ଘର ଚାରିପଟେ ସାତଘେରା ବୁଲନ୍ତି । ଏହାପରେ ବିମାନରେ ଠାକୁରଠାକୁରାଣୀ ବଡଦେଉଳକୁ ଫେରିଥାନ୍ତି । ଦୋଳପୂର୍ଣ୍ଣିମା ଦିନ ଅବକାଶ ଓ ମୈଲମ ପରେ ପୁଷ୍ପାଳକମାନେ ଚନ୍ଦନଲାଗି, ନୂଆ ବୋଇରାଣୀ ଶାଢୀ ଖଣ୍ଡୁଆ ଲାଗି, ତ୍ରିମୁଣ୍ଡିରେ ଗଭା ଲାଗି କରନ୍ତି । ଖଇକୋରା ଭୋଗ ଶ୍ରୀଛାମୁକୁ ଆସିବା ପରେ ମହାଜନ ସେବକ ଶ୍ରୀଦୋଳଗୋବିନ୍ଦଙ୍କୁ ସିଂହାସନକୁ ବିଜେ କରାନ୍ତି। ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ କରନ୍ତି । ଭୋଗ ପରେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରଦାନ କରନ୍ତି । ଏହାପରେ ମହାଜନେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦଙ୍କୁ ସିଂହାସନ ଚାରିପଟେ ସାତଘେରା ବୁଲାନ୍ତି । ତା'ପରେ ସେମାନେ ତିନି ଦିଅଁଙ୍କୁ ନାଭିକଟା ମଣ୍ଡପରେ ପଡିଥିବା ଖଟ ଉପରେ ବିଜେ କରାନ୍ତି । ଏଠାରେ ଠାକୁରମାନଙ୍କର ମହାସ୍ନାନ, ମାଜଣା, ବନକଲାଗି, ପାଟଯୋଡ ଲାଗିହୋଇ ବେଶ ବଢେ । ତା'ପରେ ଶୀତଳଭୋଗ କରାଯାଏ । ବନ୍ଦାପନା ସରିଲେ, ମହାଜନେ ତିନି ଦିଅଁଙ୍କୁ ସାତପାହାଚ ଦ୍ୱାର ଠାରେ ଥିବା ବିମାନରେ ବିଜେ କରାନ୍ତି । ବିମାନବଡୁମାନେ ବିମାନ ନେଇ ଘଣ୍ଟା, ଛତା, କାହାଳୀ ସହ ବଡଦେଉଳକୁ ସାତ ଘେରା ବୁଲି ଦୋଳବେଦୀକୁ ଯା'ନ୍ତି। ତଳେ ବେଦୀ ଚାରିପଟେ ସାତ ଘେରା ବୁଲନ୍ତି । ତାପରେ ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦଙ୍କୁ ହାତରେ ଧରି ବେଦୀ ଉପରେ ସାତଘେରା ବୁଲାନ୍ତି । ପୁନଶ୍ଚ ବନ୍ଧାଯାଇଥିବା ଦୋଳି ଚାରିପଟେ ସାତ ଘେରା ବୁଲାଇ ଦୋଳିରେ ବିଜେ କରାନ୍ତି । ଏହାପରେ ଦୋଳବେଦୀରେ ସର୍ବସାଧାରଣ ଦର୍ଶନ ହୋଇଥାଏ । ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ଦୋଳିରେ ଝୁଲୁଥିବା ସମୟରେ ସକାଳ,



ମଧ୍ୟାହ୍ନ ଓ ସନ୍ଧ୍ୟାଧୂପ ଷୋଡଶ ଉପଚାରରେ ଅନୁଷ୍ଠିତ ହୁଏ । ସେଠାରେ ତିନି ଧୂପର ନୈବେଦ୍ୟ, ଆଳତି ବନ୍ଦାପନା, ଫଗୁଖେଳ ସମାପ୍ତ ହେବାପରେ ଠାକୁରଠାକୁରାଣୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ ବିଧି ଆରମ୍ଭ ହୋଇଥାଏ । ଦିଅଁମାନେ ଦୋଳିରୁ ଓହ୍ଲାଇ ଦୋଳି ଚାରିପଟେ ସାତ ଘେରା ଓ ବେଦୀ ଉପରେ ସାତ ଘେରା ବୁଲି, ତଳେ ବିମାନରେ ବିଜେକରି ଦୋଳବେଦୀକୁ ସାତ ଘେରା ପରିକ୍ରମା କରିବା ପରେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥାନ୍ତି । ଶ୍ରୀମନ୍ଦିରକୁ ସାତ ଘେରା ବୁଲିବା ପରେ ସରସ୍ୱତୀ ମନ୍ଦିର ସମ୍ମୁଖଭାଗରେ ବିମାନକୁ ରଖାଯାଏ । ସେଠାରେ ଶୀତଳଭୋଗ ମଣୋହି ଓ ବନ୍ଦାପନା ବଢିବା ପରେ ବିମାନକୁ ସାତପାହାଚ ଦେଇ ଭିତରକାଠ ପାଖ ଭଣ୍ଡାର ଦ୍ୱାର ସମ୍ମୁଖକୁ ନିଆଯାଏ । ସେଠାରେ ବନ୍ଦାପନା ଓ ଜଳଲାଗି ସରିଲେ ଶ୍ରୀଦୋଳଗୋବିନ୍ଦ ଦକ୍ଷିଣ ଘରକୁ ଓ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ବିଜେ କରନ୍ତି ।

ଶେଷଦିନ ଚୈତ୍ର କୃଷ୍ଣ ପ୍ରତିପଦା ତିଥିରେ ମଧ୍ୟାହ୍ନ ଧୂପ ସରିବାପରେ ଶ୍ରୀଦୋଳଗୋବିନ୍ଦ ରତ୍ନ ସିଂହାସନକୁ ବିଜେ କରନ୍ତି । ଏହାପରେ ପୂଜାପଣ୍ଡା ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦଙ୍କୁ ଆଜ୍ଞାମାଳ ପ୍ରଦାନ କରନ୍ତି । ମହାଜନମାନେ ଦିଅଁମାନଙ୍କୁ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାନ୍ତି। ଏହାପରେ ବିମାନବଡୁମାନେ ବିମାନ ନେଇ ନରେନ୍ଦ୍ର ଚକଡାରେ ବିଜେ କରାନ୍ତି । ସେଠାରେ ମୁଦିରସ୍ତ ପ୍ରସାଦଲାଗି କରିବା ପରେ ପୂଜାପଣ୍ଡା ପଞ୍ଚୋପଚାରର ଶୀତଳ ମଣୋହି କଲାପରେ ମୁଦିରସ୍ତ ବନ୍ଦାପନା ଓ ଚାମର ଆଲଟ କରନ୍ତି । ଏହିସବୁ ନୀତି ସମ୍ପନ୍ନ ହେବାପରେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥାନ୍ତି । ଏହିପରି ଭାବରେ ଫାଲ୍ଗୁନ ଶୁକ୍ଳ ଦଶମୀଠାରୁ ଚୈତ୍ର କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ଧରି ଶ୍ରୀମନ୍ଦିରରେ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ ।

(କ୍ରମଶଃ...)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିର ରୀତିନୀତିରେ 'ଚ଼ାପ' କଣ ଗୁରୁତ୍ୱ ବହନ କରିଥାଏ ?
ଉ - ଚାପ ବା ଦେବତାଙ୍କ ଯାତ୍ରା ଉପଲକ୍ଷେ ସଜ୍ଜିତ ନୌକା । ଶ୍ରୀମନ୍ଦିର ଠାକୁରଙ୍କ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡା ନିମନ୍ତେ ସୁସଜ୍ଜିତ ବ୍ୟବହୃତ ନୌକା ବିଶେଷ ।

୨. ପ୍ର - ଶ୍ରୀମନ୍ଦିରରେ ପୂଜା-ପର୍ବାଣୀରେ 'ଚ଼ାପ ଗୀତ' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - ଚନ୍ଦନ ଚାପ ଉପରେ ଦେବଦାସୀମାନଙ୍କର ସମବେତ ସଙ୍ଗୀତ ଚାପଗୀତ ନାମରେ କଥିତ ।

୩. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଚ଼ାପ ଦଳେଇ'ଙ୍କ ଭୂମିକା କ'ଣ ?
ଉ - ଏହି ସେବକମାନେ ଶ୍ରୀକ୍ଷେତ୍ରରେ ବିଭିନ୍ନ ଘାଟ ଜଗୁଥିଲେ । ଏତଦ୍‌ବ୍ୟତୀତ ଚନ୍ଦନ ଏକୋଇଶି ଦିନରେ ମଦନମୋହନ ଓ ରାମକୃଷ୍ଣଙ୍କ ଦୁଇ ଚାପରେ ଚାରି ନୌକା ବାହାନ୍ତି ।

୪. ପ୍ର- ଶ୍ରୀମନ୍ଦିରରେ 'ଚାପସରି' କହିଲେ କ'ଣ ବୁଝାଯାଏ ?
ଉ- ଶ୍ରୀମନ୍ଦିର ଠାକୁରଙ୍କ କଣ୍ଠର ସୁବର୍ଣ୍ଣ ଅଳଙ୍କାର ବିଶେଷ ।


୫. ପ୍ର - ଶ୍ରୀମନ୍ଦିରରେ 'ଚ଼ାପ ବେହେରା ସେବା'ର ଗୁରୁତ୍ୱ କ'ଣ ?
ଉ - ଚନ୍ଦନ ଯାତ୍ରା ସମୟରେ କାର୍ଯ୍ୟବାହୀ ସେବକ । ଚନ୍ଦନ ଏକୋଇଶି ଦିନ ଠାକୁରଙ୍କ ଚାପ ଆଗେ ଆଗେ ବଜନ୍ତ୍ରୀ ଡ଼ଙ୍ଗା ବାହିନିଅନ୍ତି । ଠାକୁରଙ୍କ କାଳୀୟଦଳନ ପର୍ବନୀତି ବେଳେ ମାର୍କଣ୍ଡ ପୁଷ୍କରିଣୀରେ ଡ଼ଙ୍ଗା ବାହାନ୍ତି ।

୬. ପ୍ର- ଶ୍ରୀମନ୍ଦିର ରୀତି-ନୀତିରେ 'ଚ଼ାର' ର ଭୂମିକା କ'ଣ ?
ଉ- ଏହା ହେଉଛି ତାଳ କିମ୍ବା ନଡିଆ ଗଛର ଗଣ୍ଡିରେ ତିଆରି ଘୋଷରା ପାହାଚ । ଦେଉଳ ବା କୋଠାର ଛାତ ଓ ରଥ ଆଦି ଉଚ୍ଚ ସ୍ଥାନକୁ କାଠ ପଥର ଇତ୍ୟାଦି ଉଠାଇବା ପାଇଁ ପ୍ରସ୍ତୁତ ପାହାଡ଼ିଆ ସିଡି । ଶ୍ରୀମନ୍ଦିରରେ ରତ୍ନବେଦିରୁ ତଳକୁ ଆସିବା ଓ ଚଢ଼ିବା କାଳରେ (ଗୁଣ୍ଡିଚା ଓ ସ୍ନାନ ପୂର୍ଣ୍ଣିମା) ରଥକୁ ଚଢିବା ଓ ଓହ୍ଲାଇବା ସମୟରେ, ଜନ୍ମବେଦୀକୁ ଆରୋହଣ କାଳରେ ଏହି ଚାରମାଳ ବ୍ୟବହାର ହୋଇଥାଏ । ରଥର ଚକ ସଂଖ୍ୟା ଅନୁସାରେ ଚାରମାଳର ଓସାର ନିର୍ଦ୍ଧାରିତ ହୋଇଥାଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ଓଳିଆରୁ ଉଭା ହେଲେ ଦାରୁବ୍ରହ୍ମ

ଧାନ, ମାଣ୍ଡିଆ, ମୁଗ, ବିରି, କୋଳଥ ଆଦି ଫସଲ ଅମଳ ହୋଇ ସାରିବା ପରେ ତାକୁ ବର୍ଷକ ପାଇଁ ସାଇତି ରଖାଯାଏ । ବହୁ ପରିମାଣର ଫସଲକୁ ଅମଳ କରି ଆଣି ଜମିଦାରମାନେ ସାଧାରଣତଃ ଅମାର ଘରେ ରଖନ୍ତି । ଅଳ୍ପ ପରିମାଣର ଫସଲ ଅମଳ କରିଥିବା ଚାଷୀମାନେ ଯେଉଁଥିରେ ବିହନକୁ ସାଇତି ରଖନ୍ତି ତାକୁ ଓଡିଶାର ଲୋକମାନେ ନାମ ଦେଇଛନ୍ତି ଓଳିଆ । ଓଳିଆ ବା ପୁଡୁଗ ସାଧାରଣତଃ ପାଳ ଦଉଡିରେ ପ୍ରସ୍ତୁତ ହୋଇଥାଏ । ତା ମଧ୍ୟରେ ଶସ୍ୟକୁ ରଖି ତାକୁ ଭାଡ଼ି ଉପରେ ଥୁଆଯାଏ । ଆଗ କାଳରେ କାଠଭାଡ଼ି ଉପରେ ଓଳିଆକୁ ସଜାଇ ରଖାଯାଉଥିଲା । ଯେଉଁମାନଙ୍କ ଘରେ ସିନ୍ଦୁକ ବାକ୍ସ ଆଦି ନଥିଲା, ସେମାନେ ମୂଲ୍ୟବାନ ଜିନିଷ ସୁନା, ରୂପା ଆଦିକୁ ଏହି ଓଳିଆ ଭିତରେ ଲୁଚାଇ ରଖୁଥିଲେ । ଆମ ଓଡିଆମାନଙ୍କର ସବୁଠାରୁ ମୂଲ୍ୟବାନ ହେଉଛନ୍ତି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ । ଭକ୍ତ ପ୍ରେମରେ ବନ୍ଧାହୋଇ ମହାପ୍ରଭୁ ଗଙ୍ଗାଜଳରୁ ଆସି କୁଜଙ୍ଗ ଗଡ଼ରେ ପହଞ୍ଚିଥିଲେ ଏବଂ ଭକ୍ତ ବିଶର ମହାନ୍ତି ତାଙ୍କୁ ଲୁଚାଇ ରଖିଲେ ତାଙ୍କ ଘର ଭାଡ଼ିରେ ଥିବା ବିହନ ଓଳିଆ ଭିତରେ । ମହାପ୍ରଭୁଙ୍କୁ ଅଣନିଶ୍ୱାସି ଲାଗିଲା । କୁଜଙ୍ଗ ଗଡ଼ର ଷଣ୍ଢ ରାଜାଙ୍କୁ ସ୍ୱପ୍ନାଦେଶରେ ମହାପ୍ରଭୁ କହିଲେ ଆମ୍ଭଙ୍କୁ ବିଶର ମହାନ୍ତିଙ୍କ ଓଳିଆ ମଧ୍ୟରୁ ଉଦ୍ଧାର କରି ନେଇ ମନ୍ଦିରରେ ପୂଜା କରିବାର ବ୍ୟବସ୍ଥା କର । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈବବାଣୀ ଶୁଣି ଷଣ୍ଢରାଜା କୃତକୃତ୍ୟ ହେଲେ । ବିଶର ମହାନ୍ତିଙ୍କୁ ସ୍ୱପ୍ନାଦେଶ ଶୁଣାଇ ଦାରୁବ୍ରହ୍ମଙ୍କୁ ନେଇ କୁଜଙ୍ଗ ଗଡରେ ଛୋଟ ମନ୍ଦିରଟିଏ ନିର୍ମାଣ କରି ପୂଜା ଉପାସନା କଲେ । ଏ ସମ୍ବାଦ ଯାଇ ପହଞ୍ଚିଲା ଉତ୍କଳର ଗଜପତି ମହାରାଜା ଶ୍ରୀ ରାମଚନ୍ଦ୍ର ଦେବଙ୍କ ପାଖରେ । ଗଜପତି ଆଦେଶ ଦେଲେ ତୁରନ୍ତ ମହାପ୍ରଭୁଙ୍କୁ ଶ୍ରୀକ୍ଷେତ୍ର ଆଣିବା ପାଇଁ । ମହାପ୍ରଭୁ ସେତେବେଳେ ଅଚଳ ମହାମେରୁ ବଳିୟାର ଭୁଜ ରୂପରେ ନ ଥିଲେ । କେବଳ ଥିଲେ କ୍ଷୁଦ୍ର ଅବୟବ ଧାରୀ ଦାରୁବ୍ରହ୍ମ ରୂପରେ । ହିନ୍ଦୁ ଧର୍ମର ବିଦ୍ୱେଷୀ କଳାପାହାଡ଼ ଶ୍ରୀକ୍ଷେତ୍ରକୁ ଆକ୍ରମଣ କରି ବଡଦେଉଳକୁ ବିକଳାଙ୍ଗ କରି ଦେଇଥିଲା । ଦିଅଁମାନଙ୍କୁ ହାତୀ ପିଠିରେ ଲଦି ପୁରୀ ସମୁଦ୍ର କୂଳରୁ କୋଲକାତାର ହୁଗୁଳି ନଦୀ କୂଳକୁ ନେଇ ଯାଇଥିଲା । ସେଠାରେ ନଦୀ ତୀରରେ ଦିଅଁଙ୍କୁ ରଖି ତା ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଲା । ଦାରୁଦିଅଁଙ୍କ ଦେହ ଜଳିବାକୁ ଆରମ୍ଭ କରିବା ମାତ୍ରେ କଳାପାହାଡ଼ର ଶରୀର ଖଣ୍ଡ ଖଣ୍ଡ ହୋଇ ଫାଟିବାକୁ ଲାଗିଲା । ପୀରମାନଙ୍କ ନିର୍ଦ୍ଦେଶରେ ଜଳୁଥିବା ଦାରୁ ଦେବତାଙ୍କୁ ନଦୀ ଜଳକୁ ଫିଙ୍ଗି ଦିଆଗଲା । ଏତିକିବେଳେ ଦିଅଁଙ୍କ ପଛେ ସୁଦୂର ପଥ ଅତିକ୍ରମ କରି ଧାଇଁ ଆସିଥିବା ମୃଦଙ୍ଗ ବଜାଳି ବାବାଜୀ ବେଶଧାରୀ ପାଗଳ ବାବାଜୀ ବିଶର ମହାନ୍ତି ନଦୀ ଜଳକୁ ଝାମ୍ପ ଦେଇ ଦାରୁଦିଅଁଙ୍କୁ ଧରି ନଦୀର ସ୍ରୋତରେ ବୁଡ଼ା ପହଁରାରେ ଖଣ୍ଡେଦୂର ଚାଲିଗଲା । କଳାପାହାଡ଼ର ଅନୁଚରମାନେ ସେ କଥାକୁ ଗୁରୁତ୍ୱ ନ ଦେଇ ଉଆସକୁ ଫେରିଗଲେ । କଳାପାହାଡ଼କୁ ଖବର ଦେଲେ ଗୋଟାଏ ପାଗଳା ବାବାଜୀ ଦରପୋଡ଼ା ମୂର୍ତ୍ତି ସହିତ ନଦୀ ଗର୍ଭରେ ବୁଡିଯାଇଛି । ଏ ଖବର ପାଇ କଳାପାହାଡ଼ ଆଶ୍ୱସ୍ତ ହେଲା । ପୋଡ଼ି ଦେବାକୁ ଆଦେଶ ଦେଇଥିବା ମୂର୍ତ୍ତି ମଣିଷ ହାତଗଢା



ଦାରୁ ଦେବତା ନୁହନ୍ତି । ସେ ସମଗ୍ର ସୃଷ୍ଟିର ହର୍ତ୍ତା କର୍ତ୍ତା ଦଇବ ବିଧାତା ସ୍ୱୟଂ ପରଂବ୍ରହ୍ମ । ତାଙ୍କୁ ଅଗ୍ନି ଜଳାଇ ପାରିବ ନାହିଁ, ପବନ ଉଡ଼ାଇ ନେଇ ପାରିବ ନାହିଁ, ଜଳ ଓଦା କରି ପାରିବ ନାହିଁ, କୌଣସି ଅସ୍ତ୍ରଶସ୍ତ୍ର ହାଣି ଖଣ୍ଡ ଖଣ୍ଡ କରି ପାରିବ ନାହିଁ । ସେ ଇଚ୍ଛାମୟ ପୁରୁଷୋତ୍ତମ । ତାଙ୍କ ଇଚ୍ଛାରେ ସୃଷ୍ଟି, ସ୍ଥିତି ହୁଏ, ପ୍ରଳୟ ମଧ୍ୟ ହୁଏ । ସବୁ ତାଙ୍କରି ଲୀଳାଖେଳା । ସେହି ପ୍ରଭୁ ପରଂବ୍ରହ୍ମ ଲୀଳା କରି ଆପଣାକୁ ବିଧର୍ମୀ ହାତରେ ଧରା ପକାଇ ଦେଇଥିଲେ । ବିଧର୍ମୀ ଜ୍ଞାନହୀନ । ସେ ତାର ଫଳ ପାଇଲା । ମହାପ୍ରଭୁଙ୍କ ସାଥିରେ ଶତ୍ରୁତା କରିବାକୁ ଇଚ୍ଛାକରି ଆପେ ଶାସ୍ତି ପାଇଲା । ମହାପ୍ରଭୁଙ୍କର ଏହି ଲୀଳା ସାଧାରଣ ଜନତାଙ୍କ ଦୃଷ୍ଟିରୁ ଯାହା ହୋଇଥାଉ ନା କାହିଁକି, ଜଣେ ଅଜ୍ଞାତ ଭକ୍ତଙ୍କୁ ଲୋକଲୋଚନକୁ ଆଣିପାରିଲା । ଭକ୍ତର ଓଳିଆ ମଧ୍ୟରେ ଥାଇ ପରିଶେଷରେ ପ୍ରକଟ ହେଲେ । ଗଜପତି ମହାରାଜାଙ୍କ ଦ୍ୱାରା ଏବଂ ଜନସମାଜରେ ଦାରୁବ୍ରହ୍ମଙ୍କର ପରମ ଭକ୍ତ ଭାବେ ପରିଚିତ ହେଲେ ।

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
● *ମଂଗଳାଘାଟ ରୋଡ଼, ପୁରୀ-୧*

## ମାର୍ଚ୍ଚ ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୨.୩.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଫଗୁ ଦଶମୀ, ଚାଚେରୀ ବେଶ ଓ ଦୋଳଯାତ୍ରା ଆରମ୍ଭ |
| ତା ୩.୩.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ପାପନାଶିନୀ ଏକାଦଶୀ |
| ତା ୬.୩.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ରାଜାଗ୍ନ୍ୟୁତ୍ସବ ବା ମେଣ୍ଢା ପୋଡି । |
| ତା ୭.୩.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଦୋଳ ପୂର୍ଣ୍ଣିମା ଓ ରାଜାଧିରାଜ ବେଶ । |
| ତା ୮.୩.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ହୋଲି । |
| ତା ୧୮.୩.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ପାପମୋଚନୀ ଏକାଦଶୀ |
| ତା ୨୫.୩.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ (ଚୈତ୍ର ଶୁକ୍ଳ ଚତୁର୍ଥୀ) । |
| ତା ୨୯.୩.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ଜେଉଡ଼ ଭୋଗ ଓ ଅଶୋକାଷ୍ଟମୀ । |
| ତା ୩୦.୩.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଶ୍ରୀରାମ ନବମୀ । |
| ତା ୩୧.୩.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଯଜ୍ଞରକ୍ଷା । |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

***Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100***
**E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri**
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri
ମୂଲ୍ୟ : ଦୁଇଟଙ୍କା ମାତ୍ର